# ଗ୍ରାମୀଣ କୃଷି ମୌସମ ସେବା

# ଭାରତ ପାଣିପାଗ ବିଭାଗ

# ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ

# ଆଞ୍ଚଳିକ ଗବେଷଣା ଓ ବୈଷୟିକ ପ୍ରସାରଣ କେନ୍ଦ୍ର, ଚିପିଲିମା

ସଂଖ୍ୟା - ୫୬ (ଓଡ଼ିଆ ବୁଲେଟିନ୍)          ସପ୍ତାହ - ୨୮          ତାରିଖ: ୧୫.୦୭.୨୦୨୫

## ଜିଲ୍ଲା – ବରଗଡ଼

## ପର୍ଯ୍ୟବେକ୍ଷଣ କେନ୍ଦ୍ରରେ ୦୯.୦୭.୨୦୨୫ ରୁ ୧୫.୦୭.୨୦୨୫ ମଧ୍ୟରେ ରେକର୍ଡ କରାଯାଇଥିବା ସର୍ବାଧିକ ଏବଂ ସର୍ବନିମ୍ନ ତାପମାତ୍ରା ଏବଂ ଜିଲ୍ଲାର ହାରାହାରି ବର୍ଷାପାତ

| | ସର୍ବାଧିକ ତାପମାତ୍ରା (ଡିଗ୍ରୀ ସେ.) | | | | | | | ସର୍ବନିମ୍ନ ତାପମାତ୍ରା (ଡିଗ୍ରୀ ସେ.) | | | | | | | ବୃଷ୍ଟିପାତ (ମିଲି ମିଟର) | | | | | | |
|---|---|---|---|---|---|---|---|---|---|---|---|---|---|---|---|---|---|---|---|---|---|
| ତାରିଖ | ୦୯ | ୧୦ | ୧୧ | ୧୨ | ୧୩ | ୧୪ | ୧୫ | ୦୯ | ୧୦ | ୧୧ | ୧୨ | ୧୩ | ୧୪ | ୧୫ | ୦୯ | ୧୦ | ୧୧ | ୧୨ | ୧୩ | ୧୪ | ୧୫ |
| ବରଗଡ଼ | 27 | 28 | 28 | 28 | 30 | 31 | 30 | 24 | 25 | 25 | 26 | 26 | 26 | 25 | 44 | 20 | 23 | 4 | 1 | 5 | 23 |

## ଆସନ୍ତା ପାଞ୍ଚ ଦିନର ପାଣିପାଗ ପୂର୍ବାନୁମାନ

| ପାଣିପାଗ କାରକ | ୧୬-୦୭-୨୦୨୫ | ୧୭-୦୭-୨୦୨୫ | ୧୮-୦୭-୨୦୨୫ | ୧୯-୦୭-୨୦୨୫ | ୨୦-୦୭-୨୦୨୫ |
|---|---|---|---|---|---|
| ବୃଷ୍ଟିପାତ (ମିଲି ମିଟର) | 30 | 15 | 10 | 7 | 8 |
| ସର୍ବାଧିକ ତାପମାତ୍ରା (° ସେଣ୍ଟିଗ୍ରେଡ) | 31 | 31 | 31 | 32 | 32 |
| ସର୍ବନିମ୍ନ ତାପମାତ୍ରା (° ସେଣ୍ଟିଗ୍ରେଡ) | 25 | 25 | 25 | 26 | 26 |
| ମେଘ ଆବରଣ (ଓକଟା) | 8 | 7 | 6 | 5 | 5 |
| ସର୍ବାଧିକ ଆପେକ୍ଷିକ ଆର୍ଦ୍ରତା (ଶତକଡା %) | 88 | 86 | 87 | 87 | 82 |
| ସର୍ବନିମ୍ନ ଆପେକ୍ଷିକ ଆର୍ଦ୍ରତା (ଶତକଡା %) | 64 | 67 | 60 | 55 | 45 |
| ପବନର ବେଗ (କିମି/ଘଣ୍ଟା ପ୍ରତି) | 7 | 5 | 3 | 2 | 4 |
| ପବନର ଦିଗ (ଡିଗ୍ରୀ) | 253 | 231 | 221 | 217 | 360 |

ଅଧିକ ଜାଣିବା ପାଇଁ, ଭାରତୀୟ ପାଣିପାଗ ବିଭାଗ, ଭୁବନେଶ୍ୱର, ଟେଲିଫୋନ# ୦୬୭୪-୨୫୯୬୧୧୬ରେ ଯୋଗାଯୋଗ କରନ୍ତୁ

## ପାଣିପାଗ ସାରାଂଶ/ସତର୍କ ସୂଚନା :

ଭାରତ ପାଣିପାଗ ବିଜ୍ଞାନ ବିଭାଗ, ମୌସମ ବିଜ୍ଞାନ କେନ୍ଦ୍ର, ଭୁବନେଶ୍ୱରର ମଧ୍ୟମ ଅବଧି ପୂର୍ବାନୁମାନ ଅନୁଯାୟୀ, ଆଗାମୀ ସପ୍ତାହରେ ହାଲୁକା ରୁ ମଧ୍ୟମ ଧରଣର ବର୍ଷା ହେବା ସହିତ ସପ୍ତାହର ପ୍ରଥମ ପର୍ଯ୍ୟାୟରେ ଗୋଟେ କିମ୍ବା ଦୁଇଟା ସ୍ଥାନରେ ଭାରି ବର୍ଷା ହେବା ଓ ଆକାଶ ସାଧାରଣତଃ କିମ୍ବା ପୂର୍ଣ୍ଣତଃ ମେଘାଚ୍ଛନ୍ନ ରହିବାର ସମ୍ଭାବନା ଅଛି । ଆସନ୍ତା ସପ୍ତାହରେ ଉଭୟ ସର୍ବାଧିକ (ଦିନର) ଓ ସର୍ବନିମ୍ନ ତାପମାତ୍ରାରେ କୌଣସି ବିଶେଷ ପରିବର୍ତ୍ତନର ସମ୍ଭାବନା ନାହିଁ । ଆଗାମୀ ପାଞ୍ଚ ଦିନ ମଧ୍ୟରେ ଆର୍ଦ୍ରତା ଅଧିକ ରହିବା ସହିତ ୨ ରୁ ୭ କି.ମି. ପ୍ରତି ଘଣ୍ଟା ବେଗରେ ଦକ୍ଷିଣ-ପଶ୍ଚିମ କିମ୍ବା ଉତ୍ତର ଦିଗରୁ ପବନ ବହିବାର ସମ୍ଭାବନା ବନିପାରେ ।

## ସାଧାରଣ ଉପଦେଶ

- ଭାରତ ପାଣିପାଗ ବିଜ୍ଞାନ ବିଭାଗର ବିସ୍ତାରିତ ପୂର୍ବାନୁମାନ (ପରବର୍ତ୍ତୀ ସପ୍ତାହର ୬ ରୁ ୧୨ ଦିନ ପାଇଁ ପାଣିପାଗ ପୂର୍ବାନୁମାନ) ଅନୁଯାୟୀ, ୨୦.୦୭.୨୦୨୫ ରୁ ୨୬.୦୭.୨୦୨୫ ମଧ୍ୟରେ ଓଡ଼ିଶା ରାଜ୍ୟରେ ବର୍ଷାର ସ୍ଥିତି ସ୍ୱାଭାବିକ ରହିବା ସହିତ ଉଭୟ ସର୍ବାଧିକ ଓ ସର୍ବନିମ୍ନ ତାପମାତ୍ରା ମଧ୍ୟ ସ୍ୱାଭାବିକ ରହିପାରେ ।
- ପ୍ରଚଳିତ ବର୍ଷାର ସ୍ଥିତିକୁ ବିଚାରକୁ ନେଇ, ଚାଷୀଭାଇମାନଙ୍କୁ ଉପଲବ୍ଧ ମାଟି ଆର୍ଦ୍ରତାର ଲାଭ ଉଠାଇ ମୁଖ୍ୟ କ୍ଷେତ ପ୍ରସ୍ତୁତି ସମାପ୍ତ କରିବାକୁ ଓ ତା'ପରେ ଖରିଫ ଫସଲ ଯେପରିକି ଧାନ, ହରଡ଼, ମକା, ଚିନାବାଦାମ, ମୁଗ, ଝୁଡଙ୍ଗ ଏବଂ ଅନ୍ୟାନ୍ୟ ବର୍ଷାକାଳୀନ ପନିପରିବା ଇତ୍ୟାଦି ବୁଣିବା ଆରମ୍ଭ

କରିବାକୁ ପରାମର୍ଶ ଦିଆଯାଉଛି ।

- ଉପରୋକ୍ତ ପୂର୍ବାନୁମାନର ସ୍ଥିତିକୁ ଦୃଷ୍ଟିରେ ରଖି, ଚାଷୀମାନଙ୍କୁ ସେହି ଅନୁସାରେ କୃଷି କାର୍ଯ୍ୟ କରିବାକୁ ଏବଂ ମୂଳ ପଚା, ଫଳ ପଚା, କାଣ୍ଡ ପଚା ଇତ୍ୟାଦି ଭଳି ବିଭିନ୍ନ ରୋଗ ଏବଂ ପ୍ରଚଳିତ ପାଗର ସ୍ଥିତି ଯୋଗୁଁ ଶୋଷକ କୀଟମାନଙ୍କ ଆକ୍ରମଣ ବିରୁଦ୍ଧରେ ନିୟମିତ ଭାବରେ ସେମାନଙ୍କ କ୍ଷେତକୁ ତଦାରଖ କରିବାକୁ ପରାମର୍ଶ ଦିଆଯାଇଅଛି ।
- ଯଦି ପୂର୍ବ ବର୍ଷା ଯୋଗୁଁ ବନ୍ୟା ପରିସ୍ଥିତି ସୃଷ୍ଟି ହୁଏ, ତେବେ କ୍ଷେତରୁ ଅତିରିକ୍ତ ପାଣି ନିଷ୍କାସନ କରିବାର ବ୍ୟବସ୍ଥା କରନ୍ତୁ ଏବଂ ଯଦି ସମ୍ଭବ ହୁଏ ତେବେ ଅତିରିକ୍ତ ପାଣିକୁ ଭବିଷ୍ୟତରେ ବ୍ୟବହାର ପାଇଁ ସଂରକ୍ଷଣ କରିନିଅନ୍ତୁ ।

## ସଂକ୍ଷିପ୍ତ ଉପଦେଶ

- ପ୍ରଚଳିତ ପାଗ (ଅଧିକ ଆର୍ଦ୍ରତା ସହିତ ମେଘୁଆ ପାଗ) ଯୋଗୁଁ ଚାଷୀମାନଙ୍କୁ ସେମାନଙ୍କ କ୍ଷେତକୁ ବିଭିନ୍ନ ରୋଗ ଏବଂ କୀଟପତଙ୍ଗ ଆକ୍ରମଣରୁ ରକ୍ଷା କରିବା ପାଇଁ ନିୟମିତ ଭାବରେ କ୍ଷେତର ନିରୀକ୍ଷଣ କରିବାକୁ ପରାମର୍ଶ ଦିଆଯାଉଛି ।

## ପାଣିପାଗ ଭିତ୍ତିକ କୃଷି ଏବଂ ପଶୁପାଳନ ଉପଦେଶ

| ଫସଲର ନାମ | ଫସଲ ଅବସ୍ଥା | କୃଷି ଏବଂ ପଶୁପାଳନ ପାଇଁ ପାଣିପାଗ ଭିତ୍ତିକ ପରାମର୍ଶ |
|---|---|---|
| ବର୍ଷା ଦିନିଆ ଧାନ | ମୁଖ୍ୟ ଜମି ପ୍ରସ୍ତୁତି / ରୋପଣ | • ପ୍ରଚଳିତ ବର୍ଷା ପରିସ୍ଥିତିକୁ ବିଚାରକୁ ନେଇ, ଚାଷୀମାନଙ୍କୁ ଧାନ ଚାରା ଲଗାଇବା ପାଇଁ ମୁଖ୍ୟ କ୍ଷେତ ପ୍ରସ୍ତୁତି ଆରମ୍ଭ କରିଦେବାକୁ ପରାମର୍ଶ ଦିଆଯାଇଅଛି ।<br>• ମୁଖ୍ୟ କ୍ଷେତ ଜମି ପ୍ରସ୍ତୁତି ପାଇଁ ୭ ରୁ ୧୦ ଦିନ ବ୍ୟବଧାନରେ ଦୁଇଥର କାଦୁଅ କରି ଏବଂ ସମାନ ଭାବରେ ଫସଲର ବୃଦ୍ଧି ପାଇଁ ଜମି ସମତଳ କରାଯିବା ଉଚିତ । ପ୍ରଥମ କାଦୁଅ କରିବା ପୂର୍ବରୁ ପ୍ରାୟ ୦.୮ ରୁ ୧ ଟନ୍/ଏକର ଭଲ ଭାବରେ ପଚିଯାଇଥିବା ଗୋବର ଖତ କ୍ଷେତରେ ପ୍ରୟୋଗ କରାଯାଇପାରିବ । ଯଦି ସମ୍ଭବ ହୁଏ, ମୁଖ୍ୟ କ୍ଷେତର ପ୍ରାରମ୍ଭିକ କାଦୁଅ କରିବା ସମୟରେ ଧଣୀଚା ଫସଲ ସବୁଜ ସାର ହିସାବରେ ଖେତରେ ପ୍ରୟୋଗ କରନ୍ତୁ ।<br>• ଯେଉଁ ଚାଷୀମାନଙ୍କ ବିହନ ପୂର୍ବରୁ ୨୫ ରୁ ୩୦ ଦିନ ବୟସର ହୋଇସାରିଲାଣି, ସେମାନଙ୍କୁ କମ ଗଭୀରତାରେ ୨୦×୧୫ ସେମି ବ୍ୟବଧାନରେ ରୋପଣ କାର୍ଯ୍ୟ ଆରମ୍ଭ କରିଦେବାକୁ ପରାମର୍ଶ ଦିଆଯାଇଅଛି । ଉଚ୍ଚ ଅମଳକ୍ଷମ କିସମ ପାଇଁ, ପ୍ରତି ପାହାଡ ପିଛା କେବଳ ୨ ରୁ ୩ ଟି ଚାରା ଏବଂ ହାଇବ୍ରିଡ୍ ପାଇଁ ପ୍ରତି ପାହାଡରେ ୧ ରୁ ୨ ଟି ଚାରା ବ୍ୟବହାର କରନ୍ତୁ ।<br>• ଘାସ ନିୟନ୍ତ୍ରଣ ପାଇଁ, ପ୍ରତି ପାହାଡରେ ଦାନାଦାର ଘାସମରା ଔଷଧ ବେନସଲଫ୍ୟୁରନ୍ ମିଥାଇଲ୍ ୦.୬ % + ପ୍ରେଟିଲାକ୍ଲୋର୍ ୬% ଜି.ଆର. @ ୪ କିଲୋଗ୍ରାମ/ଏକରକୁ 4 କିଲୋଗ୍ରାମ ବାଲି ସହିତ ମିଶାଇ ରୋପଣର ୫ ରୁ ୧୦ ଦିନ ପରେ ଖେତରେ ପ୍ରୟୋଗ କରନ୍ତୁ । ଚାଷୀମାନେ ସିଞ୍ଚନ କାର୍ଯ୍ୟ ପାଇଁ ଆଉ ଗୋଟିଏ କିମ୍ବା ଦୁଇ ଦିନ ଅପେକ୍ଷା କରନ୍ତୁ କାରଣ ଆସନ୍ତା ଦୁଇ ଦିନ ଭିତରେ କିଛି ସ୍ଥାନରେ ଭାରି ବର୍ଷା ହେବାର ମଧ୍ୟ ସମ୍ଭାବନା ଅଛି । |
| ମକା | ବୁଣିବା ଅବସ୍ଥା / ଅଂଗିୟ ଅବସ୍ଥା | • ଯେଉଁ ଚାଷୀମାନେ ଏପର୍ଯ୍ୟନ୍ତ ବୁଣା ଆରମ୍ଭ କରିନାହାଁନ୍ତି ସେମାନେ ଆଉ ଗୋଟେ କିମ୍ବା ଦୁଇ ଦିନ ଅପେକ୍ଷା କରନ୍ତୁ କାରଣ ଆଗାମୀ ସପ୍ତାହର ପ୍ରଥମାର୍ଦ୍ଧରେ କିଛି ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଅଛି ।<br>• ମକା ଖେତରେ ଘାସ ନିୟନ୍ତ୍ରଣ ପାଇଁ, ଚାଷୀମାନେ ବୁଣିବାର ୩ ଦିନ ମଧ୍ୟରେ ପର୍ଯ୍ୟାପ୍ତ ମାଟି ଆର୍ଦ୍ରତାରେ ପ୍ରତି ଏକର ପିଛା ୨୦୦ ଲିଟର ପାଣିରେ ୫୦୦ ରୁ ୮୦୦ ଗ୍ରାମ ଆଟ୍ରାଜିନ୍ ୫୦% ଡବ୍ଲୁ.ପି. କୁ ଭଲଭାବରେ ମିଶାଇ ଖେତରେ ପ୍ରୟୋଗ କରନ୍ତୁ । ଯଦି ଦରକାର ପଡେ କ୍ଷେତରୁ ଅତିରିକ୍ତ ପାଣି ନିଷ୍କାସନ କରି ସିଞ୍ଚନ କାର୍ଯ୍ୟ କରନ୍ତୁ । |
| ହରଡ଼ | ବୁଣିବା ଅବସ୍ଥା / ଅଂଗିୟ ଅବସ୍ଥା | • ହରଡ଼ରେ ମାଟି ଏବଂ ବିହନ ବାହିତ ରୋଗ ନିୟନ୍ତ୍ରଣ ପାଇଁ, ଫସଲ ବୁଣିବା ପୂର୍ବରୁ ଯେକୌଣସି ଉପଯୁକ୍ତ କବକନାଶକ ସହିତ ବିହନ ବିଶୋଧନ କରିବା ଉଚିତ ଏବଂ ରାଇଜୋବିୟମ୍ କଲଚର @ ୨୦ ଗ୍ରାମ ପ୍ରତି କିଲୋଗ୍ରାମ ବିହନ ସହିତ ଏବଂ ତା'ପରେ ଟ୍ରାଇକୋଡର୍ମା ଭିରିଡେ ୫ ରୁ ୭ ଗ୍ରାମ / କିଲୋଗ୍ରାମ ବିହନ ସହିତ ବୁଣିବାର କିଛି ଘଣ୍ଟା ପୂର୍ବରୁ ବିଶୋଧନ କରିଯିବା ଉଚିତ।<br>• ଘାସ ପରିଚାଳନା: ବୁଣିବାର ୭୨ ଘଣ୍ଟା ମଧ୍ୟରେ ୧ ଲିଟର ପେଣ୍ଡିମିଥାଲିନ୍ ୩୦% ଇସିକୁ ପ୍ରତି ଏକର ହିସାବରେ ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ ।<br>• ଆଗାମୀ ସପ୍ତାହର ଗୋଟିଏ କିମ୍ବା ଦୁଇ ଦିନ ମଧ୍ୟରେ ପ୍ରବଳ ବର୍ଷା ହେବାର ପୂର୍ବାନୁମାନ କରାଯାଉଥିବାରୁ, ବୁଣା କାର୍ଯ୍ୟ ସେହି ଅନୁସାରେ କରିବାକୁ ପରାମର୍ଶ ଦିଆଯାଇଅଛି । |

| | | |
|---|---|---|
| ଫଳ ଓ ପନିପରିବା ଚାଷ | ନର୍ସରୀ ବୁଣା / ଚାରା / ରୋପଣ | • ଫଳ ଏବଂ ପନିପରିବା ଫସଲରେ ଅତିରିକ୍ତ ଜଳର ନିଷ୍କାସନ ପରେ ବିହନ ବୁଣା ଏବଂ ଚାରା ରୋପଣ କାର୍ଯ୍ୟ କରାଯିବା ଉଚିତ ଏବଂ ନର୍ସରୀ ବେଡ (ତଳି ଘେରା) ରେ ପର୍ଯ୍ୟାପ୍ତ ଜଳ ନିଷ୍କାସନର ବ୍ୟବସ୍ଥା ସୁନିଶ୍ଚିତ କରନ୍ତୁ ।<br>• ପ୍ରଚଳିତ ପାଗ ଯୋଗୁଁ ବିଭିନ୍ନ ପ୍ରକାର ରୋଗ ଓ ଶୋଷକ କୀଟମାନଙ୍କ ସଂକ୍ରମଣ ବଢିବାର ଦେଖାଯାଇପାରେ ତେଣୁ ଏହା ପ୍ରତି ନଜର ରଖିବାକୁ ପରାମର୍ଶ ଦିଆଯାଇଅଛି ।<br>• ଉଦ୍ୟାନ ଫସଲ ଏବଂ ପନିପରିବାଗୁଡ଼ିକୁ ଅଧିକ ପବନର ଗତିରୁ ରକ୍ଷା କରିବା ପାଇଁ ସେମାନଙ୍କୁ ଯାନ୍ତ୍ରିକ ସହାୟତା ପ୍ରଦାନ କରନ୍ତୁ ।<br>• ଆଗକୁ ହାଲୁକା ରୁ ମଧ୍ୟମ ବର୍ଷା ହେବା ସହ କିଛିଟା ଜାଗାରେ ଭାରି ବର୍ଷା ହେବାର ମଧ ସମ୍ଭାବନା ରହିଅଛି ତେଣୁ କୌଣସି ପ୍ରକାରର ଔଷଧର ପ୍ରୟୋଗ ସମୟରେ ସାବଧାନତା ଅବଲମ୍ବନ କରିବାକୁ କିମ୍ବା ଯଦି ଅତି ଜରୁରୀ ନ ପଡ଼େ ତାହାହେଲେ ସିଞ୍ଚନ କାର୍ଯ୍ୟ ପାଇଁ କିଛି ଦିନ ଅପେକ୍ଷା କରିବାକୁ ପରାମର୍ଶ ଦିଆଯାଇଅଛି । |
| ଗୋରୁ ଗାଈ ଓ ମଇଷି | • ପୂର୍ବ ଦିନଗୁଡିକରେ ହୋଇଥିବା ଭାରି ବର୍ଷା ଯୋଗୁଁ ଅନେକ ପ୍ରକାରର ସଂକ୍ରାମକ ପଶୁ ରୋଗ ଯେପରିକି ସାହାଣ, ବଜବଜିଆ, ଫାଟୁଆ ଆଦି ରୋଗମାନଙ୍କର ସଂକ୍ରମଣ ଏବଂ ମଶା, ମାଛି ଓ ବିଭିନ୍ନ ଅଣୁଜୀବଙ୍କ ସଂଖ୍ୟା ବୃଦ୍ଧି ପାଇପାରେ, ତେଣୁ ଏହା ପ୍ରତି ସତର୍କ ରୁହନ୍ତୁ ଏବଂ ଯଥାଶୀଘ୍ର ଏହି ରୋଗମାନଙ୍କ ପାଇଁ ଟୀକାକରଣର ବ୍ୟବସ୍ଥା କରନ୍ତୁ ଓ ଆବଶ୍ୟକ ସ୍ଥଳେ କୃମିନାଶକ ଔଷଧର ସେବନ ନିଶ୍ଚୟ କରାନ୍ତୁ । ପଶୁମାନଙ୍କୁ କୌଣସି ପ୍ରକାରର ବୈଦ୍ୟୁତିକ ଉପକରଣରୁ ଦୂରରେ ରଖନ୍ତୁ ଏବଂ ବାହାରେ ଖୋଲାରେ ନ ବାନ୍ଧି ସୁରକ୍ଷିତ ଆଶ୍ରୟରେ ରଖନ୍ତୁ | |
| କୁକୁଡ଼ା | • କୁକୁଡ଼ାମାନଙ୍କ କ୍ଷେତ୍ରରେ ବର୍ଷାଦିନେ ସାଧାରଣତଃ ଶ୍ବାସ ଜନିତ ରୋଗ, ଝାଡାରୋଗ ଓ ଆନ୍ତ୍ରିକ ରୋଗ ଦେଖିବାକୁ ମିଳିପାରେ । ବର୍ଷାଦିନେ ପାନୀୟ ଜଳ ଦୂଷିତ ହେଉଥିବା ଯୋଗୁଁ ବିଶୁଦ୍ଧ ପାନୀୟ ଜଳର ବ୍ୟବସ୍ଥା ନିହାତି କରିବା ଦରକାର । କୁକୁଡ଼ା ଘରକୁ ବାୟୁ ଚଳପ୍ରଚଳର ସୁବିଧା ସହିତ ବର୍ଷା ଜଳ ଘର ଭିତରକୁ ସିଧା ନ ପଶିବା ପାଇଁ ଉପଯୁକ୍ତ ବ୍ୟବସ୍ଥା କରିନିଅନ୍ତୁ ।<br>• ପ୍ରଚଳିତ ପାଗ ଯୋଗୁଁ, କୁକୁଡ଼ା ଫାର୍ମରେ ରାଣୀଖେତ ବା ଘୁମା ରୋଗ ଆକ୍ରମଣର ଲକ୍ଷଣ ଦେଖାଯାଉଛି, ତେଣୁ ସତର୍କ ରୁହନ୍ତୁ ଏବଂ ଆବଶ୍ୟକ ହେଲେ ନିକଟସ୍ଥ ପଶୁ ସ୍ୱାସ୍ଥ୍ୟ କେନ୍ଦ୍ର ସହିତ ଯୋଗାଯୋଗ କରନ୍ତୁ । | |



| | |
|---|---|
| **Ms. Jubuli Sahu**<br>**Junior Agrometeorologist,**<br>**AMFU, RRTTS, Chiplima** | **Dr. Sanjukta Mohapatra**<br>**ADR cum Nodal Officer**<br>**RRTTS, Chiplima** |



- କୃଷି ରେ ଉତ୍ତମ ଲାଭ ପାଇଁ, **OUAT KALINGA** ପ୍ରଡକ୍ଟସ (ବିହନ, ଚାରା ରୋପଣ ଓ କ୍ୟୁପିଏମ୍, ଟିସୁ କଲଚର ପ୍ଲାଣ୍ଟ, ଫଳ ଓ ପନିପରିବା, ମୂଲ୍ୟଯୁକ୍ତ ଉତ୍ପାଦ, ଫିଙ୍ଗରଲିଙ୍ଗ୍/ଇୟରଲିଙ୍ଗ୍, କୁକୁଡ଼ା ଛୁଆ, ମହୁମାଛି ଓ ଶ୍ୱୋନ୍, ଜୈବ ସାର, ଜୈବ କୀଟନାଶକ, ଜିଆ ଏବଂ ଜିଆ ଖତ ଇତ୍ୟାଦି) ବ୍ୟବହାର କରନ୍ତୁ।
- ଭାରତ ପାଣିପାଗ ବିଭାଗର ପାଣିପାଗ ପୂର୍ବାନୁମାନ ଏବଂ ଓଡ଼ିଶା ସ୍ଥିତିର କୃଷି ପାଣିପାଗ ପରାମର୍ଶଦାତା ପାଇଁ ମେଘଦୂତ ମୋବାଇଲ ଆପ (https://play.gooogle.com/store/apps/details?id=com.aas.meghdoot) ତଥା ନିଜ ଅଞ୍ଚଳର ବିଜୁଳି କିମ୍ବା ବଜ୍ରପାତ ପୂର୍ବାନୁମାନ ପାଇଁ ଦାମିନୀ ଆପ (https://play.google.com/store/apps/details?id=com.lightening.live.damini) ଓ ସ୍ଥାନ ନିର୍ଦ୍ଧିଷ୍ଟ ପୂର୍ବାନୁମାନ ଏବଂ ଚେତାବନୀ ପାଇଁ ମୌସମ ଆପ ର ବ୍ୟବହାର କରିପାରିବେ।